بِسۡمِ اللّٰهِ الرَّحۡمٰنِ الرَّحِیۡمِ

**୧୦ ଜାନୁଆରୀ ୨୦୨୫ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍**

**ସରିୟା ବନୁ ଫୁଜାରାଃ ଏବଂ ସରିୟା ଅବ୍ଦୁଲ୍ଲାଃ ବିନ୍ ଅତିକ୍‌ର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର ଅ.ବ କହିଲେ; ଗତ ଖୁତ୍‌ବା ପୂର୍ବରୁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କର ସରିୟା ଓ ବିଭିନ୍ନ ଯୁଦ୍ଧରେ ରହିଥିବା ଭୂମିକାର ଚର୍ଚ୍ଚା ଚାଲିଥିଲା । ସେହିକ୍ରମରେ ବନୁ ଫୁଜାରାଃ ଯୁଦ୍ଧର ଅଲୋଚନା କରିଥିଲି । ଐତିହାସିକ ପୁସ୍ତକରେ ବନୁ ଫୁଜାରାଃ ଗୋଷ୍ଠୀ ବିରୋଧରେ ଯୁଦ୍ଧ ସଙ୍ଘଟିତ ହୋଇଥିବାର ବର୍ଣ୍ଣନା ମିଳୁଅଛି । ଯାହାକି ଉମ୍ମେ କର୍‌ଫା (ଜୈନେକ ମହିଳା)ଙ୍କ ହତ୍ୟା ସଂକ୍ରାନ୍ତରେ ଉଲ୍ଲେଖ ରହିଛି । ଅନେକ ଇତିହାସବିତ୍ ଉକ୍ତ ଘଟଣାକୁ ଯେପରି ବ୍ୟାଖ୍ୟା କରିଛନ୍ତି, ସେଥିରୁ ସ୍ପଷ୍ଟ ପ୍ରତୀତ ହେଉଛି ଯେ ତାହା ବାସ୍ତବିକ ଘଟଣା ବିପରୀତ । ହଜରତ ମିର୍ଜା ବଶିର ଅହେମଦ ସାହେବ ର.ଅ ମଧ୍ୟ ଏହି ଘଟଣାକୁ ଅତ୍ୟନ୍ତ ପ୍ରମାଣ ଭିତ୍ତିକ ଆଧାରରେ ଓ ଅତି ସୁନ୍ଦର ଶୈଳୀରେ ରେଖାଙ୍କିତ କରିଛନ୍ତି । ଆପଣ ଉଲ୍ଲେଖ କରିଛନ୍ତି; ସରିୟା ହଜରତ ଅବୁବକର ର.ଅ.ଙ୍କ ସ୍ଥାନରେ ଇବ୍‌ନେ ସାଦ୍ ଅନ୍ୟ ଏକ ଏପରି ଯୁଦ୍ଧର ଚର୍ଚ୍ଚା କରିଛନ୍ତି, ଯେଉଁଥିରେ ଜୈଦ୍ ବିନ୍ ହାରସାଃର.ଅ ଅମିର୍ ଥିଲେ ଅର୍ଥାତ ଇବ୍‌ନେ ସାଦ୍ ଏହି ଯୁଦ୍ଧରେ ହଜରତ ଅବୁବକର ର.ଅ.ଙ୍କ ପରିବର୍ତ୍ତେ ଜୈଦ୍ ବିନ୍ ହାରସାଃ ର.ଅ.ଙ୍କୁ ଅମିର୍ ଥିବାର ଦର୍ଶାଇଛନ୍ତି । ଏଥିସହିତ ଉକ୍ତ ଯୁଦ୍ଧର ବ୍ୟାଖ୍ୟାରେ ସାମାନ୍ୟ ଭିନ୍ନମତ ପୋଷଣ କରି (ଏହି ଘଟଣା) ବର୍ଣ୍ଣନା କରିଛନ୍ତି ଯେ, ଏହି ଅଭିଯାନ ବନୁ ଫୁଜାରାଃର ଉତ୍ତର ଦିଗ ଅଭିମୁଖେ ଥିଲା ଯାହାକି କୁର୍‌ରା ଉପତ୍ୟାକା (ପାଦଦେଶରେ) ବସବାସ କରୁଥିଲେ । ଯେଉଁମାନେ ମୁସଲମାନମାନଙ୍କର ଏକ ବ୍ୟବସାୟୀକ ଦଳ ଉପରେ ଛାପାମାର ଆକ୍ରମଣ କରି ସେମାନଙ୍କର ସମସ୍ତ ସାମଗ୍ରୀ ଓ ଧନଦୌଲତ ଲୁଟି ନେଇଥିଲେ । ଏହି ବିଦ୍ରୋହୀ ଦଳର ମୂଖ୍ୟ ଅଭିଯୁକ୍ତ ଜଣେ ବୃଦ୍ଧ ମହିଳା ଥିଲା, ଯାହାର ନାମ ଉମ୍ମେ କର୍‌ଫା ଥିଲା । ଯେ ଇସଲାମର ପ୍ରଚଣ୍ଡ ଶତ୍ରୁ ଥିଲା, ଏହି ଯୁଦ୍ଧରେ ଯେତେବେଳେ ସମ୍ପୃକ୍ତ ମହିଳା ଜଣକ ଧରା ପଡିଲେ ସେତେବେଳେ ଜୈଦ୍ ର.ଅ.ଙ୍କ ଦଳର କୈସ ନାମି ଜଣେ ବ୍ୟକ୍ତି ଉକ୍ତ ମହିଳାକୁ ବଧ କରିଦେଲେ ଏବଂ ଇବ୍‌ନେ ସାଦ୍ ଏହି ଘଟଣାକୁ ଏପରି ବର୍ଣ୍ଣନା କରିଛନ୍ତି ଯେ, ଜୈନେକ ମହିଳାଙ୍କର ଦୁଇ ଗୋଡକୁ ଦୁଇଟି ଭିନ୍ନ ଓଟରେ ବାନ୍ଧି ଦିଆଯାଇଥିଲା । ସେଥିଅନ୍ତେ ସେହି ଓଟ ଦୁଇଟିକୁ ବିପରୀତ ଦିଗକୁ ତଡି ଦିଆଯାଇଥିଲା ଯଦ୍ୱାରା ସମ୍ପୃକ୍ତ ମହିଳାଙ୍କ ଶରୀର ମଧ୍ୟ ଭାଗରୁ ଦୁଇଖଣ୍ଡ ହୋଇଯାଇଥିଲେ । ତା'ପରେ ସେହି ମୃତ ଶରୀରକୁ ତାହାର କନ୍ୟା ସଲ୍‌ମାଃ ବିନ୍ ଅକୁଉଙ୍କୁ ହସ୍ତାନ୍ତର କରିଦିଆ ଯାଇଥିଲା । ଏହି କାହାଣୀ ସାମାନ୍ୟ ମତ ପାର୍ଥକ୍ୟ ଓ ସୁନ୍ଦର ବ୍ୟାଖ୍ୟାତ୍ମକ ଶୈଳୀରେ ଇବ୍‌ନେ ଇସହାକ୍ ମଧ୍ୟ ବର୍ଣ୍ଣନା କରିଛନ୍ତି ।

ହଜରତ ମିର୍ଜା ବଶିର ଅହେମଦ ସାହେବ ର.ଅ ଉଲ୍ଲେଖ କରନ୍ତି; ଏହି ବର୍ଣ୍ଣନା ବୁଦ୍ଧିଜ୍ଞାନ ଓ ପୌରାଣିକ ଆଲେଖ୍ୟ ଉଭୟ ଦୃଷ୍ଟି କୋଣରୁ ସମ୍ପୂର୍ଣ୍ଣ ଭୁଲ୍ ଓ ଭିତ୍ତିହୀନ ଏବଂ ଏହା ଏକ ମନଗଢ଼ା କାହାଣୀ ବୋଲି ପ୍ରମାଣସିଦ୍ଧ ।

ବୁଦ୍ଧିଜ୍ଞାନ ଦୃଷ୍ଟି କୋଣରୁ ଏହା ଜାଣିବା ଉଚିତ୍ ଯେ, ଜଣେ ମହିଳା ଯାହା ଉପରେ ହତ୍ୟାର ଅଭିଯୋଗ ନାହିଁ । ତାଙ୍କୁ କଏଦ କରି ଶୀତଳ (ସାମାନ୍ୟ) ପରିସ୍ଥିତିରେ ହତ୍ୟା କରିବା ଏବଂ ହତ୍ୟା ମଧ୍ୟ ଏପରି ପଦ୍ଧତିରେ ଯାହାକି ଏହି ବର୍ଣ୍ଣନାରେ ଉଲ୍ଲେଖ କରାଯାଇଛି, ତାହା ସମ୍ପୂର୍ଣ୍ଣ ରୂପେ ମନୁଷ୍ୟ କଳନା ବର୍ହିଭୂତ ପ୍ରସଙ୍ଗ । **ଇସଲାମ୍ ତ ରଣଭୂମିରେ ମଧ୍ୟ ମହିଳାମାନଙ୍କୁ ହତ୍ୟା କରିବାକୁ ଦୃଢ଼ତାର ସହିତ ବାରଣ କରିଛି ।** ଏହି ପରିପ୍ରେକ୍ଷୀରେ ପୁଣ୍ୟଶ୍ଳୋକ ହୁଜୁର[ସ.ଅ] ଅନେକ ଥର ସ୍ପଷ୍ଟ ଉକ୍ତିରେ ନିର୍ଦ୍ଦେଶ ଦେଇଛନ୍ତି ଯେ, ମହିଳାମାନଙ୍କୁ ହତ୍ୟା କରିବ ନାହିଁ । ଅତଏବ ହଦିସ୍‌ରେ ବର୍ଣ୍ଣିତ ରହିଛି ଏକଦା ରଣଭୂମିରେ ଶତ୍ରୁ ପକ୍ଷର କୌଣସି ମହିଳା ନିହତ ଅବସ୍ଥାରେ ମିଳିଲେ ସେତେବେଳେ ଏହା ଜଣା ନଥିବା ସତ୍ତ୍ୱେ ଯେ, ସମ୍ପୃକ୍ତ ମହିଳା କେଉଁ ପରିସ୍ଥିତିରେ ଓ କାହା ହସ୍ତରେ ହତ୍ୟା କରାଗଲେ, ତାହା ଦେଖି ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଭୀଷଣ କ୍ଷୋଭ ପ୍ରକାଶ କଲେ ଏବଂ ସାହାବାଙ୍କୁ ତାଗିଦ୍ କରି ନିର୍ଦ୍ଦେଶ ଦେଲେ- ଏପରି କାର୍ଯ୍ୟ ଆସନ୍ତାରେ କଦାପି କରିବ ନାହିଁ । ଏତାଦୃଶ ଯେତେବେଳେ ମଧ୍ୟ ହୁଜୁର[ସ.ଅ] କୌଣସି ଅଭିଯାନରେ ସୈନ୍ୟଦଳ ପ୍ରେରଣ କରୁଥିଲେ ସେତେବେଳେ ଅନ୍ୟାନ୍ୟ ନୀତିଶିକ୍ଷା ଓ ନିର୍ଦ୍ଦେଶାବଳୀ ସହିତ ସାହାବାଙ୍କୁ ଏହି ଉପଦେଶ ମଧ୍ୟ ଦେଉଥିଲେ ଯେ, କୌଣସି ମହିଳା ଓ ପିଲାଙ୍କୁ ହତ୍ୟା କରିବ ନାହିଁ ।

ଏପରି ସ୍ପଷ୍ଟ ନୀୟମାବଳୀ ଥିବା ସ୍ଥଳେ ସାହାବାଙ୍କ ସମ୍ପର୍କରେ ଏବଂ ସାହାବା ମଧ୍ୟ ଜୈଦ୍ ବିନ୍ ହାରସାଃଙ୍କ ପରି ଉଚ୍ଚ ଆସନରେ ଅଧିଷ୍ଠିତ ସାହାବାଙ୍କ ସମ୍ବନ୍ଧରେ, ଯେ ମହାଭାଗଙ୍କ ଘର ଲୋକ ଥିଲେ । ଏହି ମତ ପୋଷଣ (ଖିଆଲ) କରିବା ଯେ, ସେ କୌଣସି ମହିଳାଙ୍କୁ ଏପରି କ୍ରୂର ଓ ନିଷ୍ଠୁରତା ପୂର୍ବକ ହତ୍ୟା କଲେ ଅବା କରାଇଥିଲେ, ଯାହାକି ଇବ୍‌ନେ ସାଦ୍ ବର୍ଣ୍ଣନା କରିଛନ୍ତି । କଦାପି କୌଣସି ମତେ ସ୍ୱୀକାର ଯୋଗ୍ୟ ନୁହେଁ । ନିଃସନ୍ଦେହରେ ବର୍ଣ୍ଣନାରେ ଏହି ହତ୍ୟା ଜୈଦ୍ କରିଥିବାର ଉଲ୍ଲେଖ ନାହିଁ । ବରଂ ଆଉ ଜଣେ ମୁସଲମାନ ଆଡ଼କୁ ଇଙ୍ଗିତ କରାଯାଇଛି । କିନ୍ତୁ ଯେତେବେଳେ ଏହି ଘଟଣା ଜୈଦ୍ [ର.ଅ]ଙ୍କ ନେତୃତ୍ୱରେ ଘଟିଥିଲା ତେଣୁ ଏହାର ଉତ୍ତରଦାୟୀ ମଧ୍ୟ ଜୈଦ ହିଁ ବୁଝାଯିବେ । ଆଉ ଜୈଦ୍ [ର.ଅ]ଙ୍କ ସମ୍ବନ୍ଧରେ ଏପରି କଳନା କରିବା କି ସେ ନବୀଶ୍ରେଷ୍ଠ [ସ.ଅ]ଙ୍କ ଶିକ୍ଷାକୁ ଉତ୍ତମ ରୂପେ ବୁଝିବା ପରେ ଏହି କିସମର କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିଥିବେ, ଆଦୌଁ ସ୍ୱୀକାର ଯୋଗ୍ୟ ନୁହେଁ ।

ଏବେ ରହିଗଲା ମାନବୀୟ ବୁଦ୍ଧିବିବେକର (ପ୍ରଶ୍ନ) ବିଷୟ ! ତେବେ **ପ୍ରଥମତଃ** ଇବ୍‌ନେ ସାଦ୍ ଅଥବା ଇବ୍‌ନେ ଇସହାକ୍ ଏହି ବର୍ଣ୍ଣନାର କୌଣସି ପ୍ରମାଣ ଦେଇ ନାହାନ୍ତି ଏବଂ ବିନା କୌଣସି ବଳିଷ୍ଠ ପ୍ରାମାଣ୍ୟରେ ଏପରି ବର୍ଣ୍ଣନା ଯାହାକି ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ନୀତିଶିକ୍ଷା ଓ ସାହାବାଙ୍କ ସାଧାରଣ ଏବଂ ପ୍ରଚଳିତ ପ୍ରଥା ବିପରୀତ କାର୍ଯ୍ୟକୁ କଦାପି ଗ୍ରହଣ କରାଯାଇ ପାରିବ ନାହିଁ । **ଦ୍ୱିତୀୟତଃ** ଏହିକି ଯେ, ଯଦିଚ ଏହି ଘଟଣା ହଦିସ୍ ସହି ମୁସଲିମ୍ ଓ ସୁନନ୍ ଅବୁ ଦାଉଦ୍‌ରେ ବର୍ଣ୍ଣିତ ହୋଇଛି କିନ୍ତୁ ଏଥିରେ ଉମ୍ମେ କର୍‌ଫାର ହତ୍ୟା ଘଟଣାର କୌଣସି ଚର୍ଚ୍ଚା କରାଯାଇ ନାହିଁ । ଆଉ କେତେକ ବ୍ୟାଖ୍ୟାରେ ମଧ୍ୟ ଇବ୍‌ନେ ସାଦ୍‌ଙ୍କ ଏହି ବର୍ଣ୍ଣନା ବିପରୀତ ଭିନ୍ନମତ ବ୍ୟକ୍ତ କରିଛନ୍ତି ।

ଯେହେତୁ ସହି ଆହାଦିସ୍ ସାଧାରଣ ଐତିହାସିକ ବର୍ଣ୍ଣନାରୁ ସୁନିଶ୍ଚିତ ରୂପେ ଏବଂ ପାରମ୍ପରିକ ରୀତିପ୍ରଥା ଦୃଷ୍ଟି କୋଣରୁ ଅଧିକ ମଜବୁତ୍ ଓ ପ୍ରାଧାନ୍ୟ ଯୋଗ୍ୟ ହୋଇଥାଏ, ତେଣୁକରି ସହି ମୁସଲିମ୍ ଓ ସୁନନ୍ ଅବୁ ଦାଉଦ୍‌ରେ ବର୍ଣ୍ଣନା ସମ୍ମୁଖରେ ଇବ୍‌ନେ ସାଦ୍ ଆଦିଙ୍କର ବର୍ଣ୍ଣନା କୌଣସି ଓଜନ ରଖି ନଥାଏ । ଏହି ବିଶେଷତା ଆହୁରି ଅଧିକ ପ୍ରତିଫଳିତ ହୋଇଯାଇଥାଏ, ଯେତେବେଳେ ଆମେ ଏହି କଥାକୁ ନିଜ ସମ୍ମୁଖରେ ରଖିଥାଉ କି ଯେଉଁସ୍ଥଳେ ଇବ୍‌ନେ ସାଦ୍ ଅଥବା ଇବ୍‌ନେ ଇସହାକ୍ ନିଜ ବର୍ଣ୍ଣନା ଏମିତି ହିଁ ବିନା ପ୍ରାମାଣ୍ୟରେ ଦର୍ଶାଇ ଦେଇଛନ୍ତି । ଆଉ ମୁହଦିସ୍ (ହଦିସ୍ ବର୍ଣ୍ଣନାକାରୀ) ସମସ୍ତ ଦିଗ ପ୍ରତି ନଜର ରଖି ଯେପରି ସତର୍କତା ଅବଲମ୍ବନ

କରିଥାନ୍ତି ତାହା ତୁଳନାରେ ସାଧାରଣ ଇତିହାସବିତ୍‌ଙ୍କ ଅନୁସୃତ ପନ୍ଥା ନଗଣ୍ୟ । ତେଣୁକରି ଏଥିରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ଉମ୍ମେ କର୍‌ଫାର ଅତ୍ୟାଚାର ଓ ବିଭର୍ଷ ପୂର୍ଣ୍ଣ ହତ୍ୟାକାଣ୍ଡ ଏକ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ଘଟଣା । ଯାହାକି କୌଣସି ଇସଲାମ୍‌ର ପ୍ରଚ୍ଛନ୍ନ ଶତ୍ରୁ ଓ କପଟବିଶ୍ୱାସୀର ଦୟା ବଶତଃ କେତେକ ଐତିହାସିକ ବର୍ଣ୍ଣନାରେ ସ୍ଥାନ ପାଇଯାଇଛି । ବାସ୍ତବତା ଏହିକି ଯେ, ଏହି ସରିୟାର ସତ୍ୟତା ଏତିକିରୁ ଅଧିକ କିଛି ନୁହେଁ, ଯାହାକି ମୁସଲିମ୍ ଓ ଅବୁ ଦାଉଦ୍‌ରେ ବର୍ଣ୍ଣନା କରାଯାଇଛି ।

ଆଉ ଏକ ସରିୟା ଅବ୍ଦୁଲ୍ଲାଃ ବିନ୍ ଅତିକ୍ ନାମରେ ସଙ୍ଘଟିତ ହୋଇଥିଲା । ଯାହାର ଚର୍ଚ୍ଚା ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି, ଯାହାକି ଅବୁ ରାଫେ ଅଭିମୁଖେ ଥିଲା । ଇବ୍‌ନେ ସାଦ୍ ବର୍ଣ୍ଣନା କରନ୍ତି; ଏହି ସରିୟା ୬ ହିଜ୍‌ରୀରେ ଘଟିଥିଲା ।

ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ଏହାର ବିସ୍ତୃତ ବ୍ୟାଖ୍ୟା କରିଛନ୍ତି ଯେ, ଯେଉଁ ୟହୁଦି ଦନାଢ୍ୟମାନଙ୍କର ଉପଦ୍ରବ ଓ ଉତ୍ତେଜନା ମୂଳକ ପ୍ରୟାସ ୫ହିଜ୍‌ରୀର ଶେଷ ଭାଗରେ ମୁସଲମାନମାନଙ୍କ ବିରୁଦ୍ଧରେ ଅହଜାବ୍ (ଯୁଦ୍ଧ)ର ଭୟଙ୍କର ବିଶୃଙ୍ଖଳା ରୂପେ ପ୍ରାଦୁର୍ଭାବ ହୋଇଥିଲା, ସେମାନଙ୍କ ମଧ୍ୟରେ ହୈଇ ବିନ୍ ଅଖତବ୍ ତ ବନୁ କୁରେଜାଃ ସହିତ ନିଜ କୁପରିଣତିରେ ଉପନୀତ ହୋଇ ଯାଇଥିଲା । କିନ୍ତୁ ସଲାମ୍ ବିନ୍ ଅବି ହକିକ୍ ଯାହାର ଉପନାମ ଅବୁ ରାଫେ ଥିଲା, ଯେ ଅଦ୍ୟାବଧି ଖୈବର୍ ଅଞ୍ଚଳରେ ସ୍ୱାଧୀନ ଓ ନିଜ ବିଦ୍ରୋହାତ୍ମକ ଗତିବିଧିରେ ଅହରହ ବ୍ୟସ୍ତ ରହିଥିଲା । ବରଂ ଅହଜାବ୍‌ର ଅପମାନ ଓ ପରାସ୍ତ ହେବା ତଥା ବନୁ କୁରେଜାଃର କୁପରିଣତି ତାହାର ଶତ୍ରୁତାକୁ ବହୁଗୁଣିତ କରିଦେଇଥିଲା । ଯେହେତୁ ଗତଫାନ୍ କବିଲାର ଆବାସ ଖୈବର୍ ନିକଟବର୍ତ୍ତୀ ଅଞ୍ଚଳରେ ଥିଲା ଏବଂ ଖୈବର୍‌ର ୟହୁଦି ଓ ନଜଦ୍‌ର କବିଲା ସମୂହ ପରସ୍ପରର ପଡୋଶୀ ଥିଲେ, ତେଣୁ ଅବୁ ରାଫେ ଯେ ଏକ ବହୁତ ବଡ ବ୍ୟବସାୟୀ ଥିଲା ତଥା ଜଣେ ବିରାଟ ଧନାଢ୍ୟ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତି ଥିଲା । ସେ ଏହି ଯୋଜନା ପରିକର କରି ନଜ୍‌ଦର ହିଂସ୍ର ଓ ବୀର ଯୋଦ୍ଧାମାନଙ୍କୁ ମୁସଲମାନମାନଙ୍କ ବିରୋଧରେ ଉସୁକାଉ ଥିଲା । ଆଉ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ଶତ୍ରୁତାରେ ସେ କାବ୍ ବିନ୍ ଅଶରଫ୍‌ର ଅବିକଳ (ପ୍ରତିରୂପ) ଥିଲା । ଅବୁ ରାଫେ ଏହି ଯୋଜନା ପ୍ରସ୍ତୁତ କରିଥିଲା କି ଅହଜାବ୍ ଯୁଦ୍ଧ ପରି ନଜଦ୍‌ର କବିଲା ଗତଫାନ୍ ଓ ଅନ୍ୟ କବିଲାଗୁଡ଼ିକର ଗସ୍ତ କଲା ଏବଂ ମୁସଲମାନମାନଙ୍କ ମୂଳୋତ୍ପାଟନ ନିମନ୍ତେ ଏକ ବିଶାଳ ସେନା ବାହିନୀ ଏକତ୍ରିତ କଲା । ଯେତେବେଳେ ମୁସଲମାନମାନଙ୍କ ସମ୍ମୁଖରେ ଆଉ ଏକ ଅହଜାବ୍ ଯୁଦ୍ଧ ପରି ବିପଦ ଘନିଭୂତ ହେଲା ସେତେବେଳେ ହୁଜୁର[ସ.ଅ] ଏହି କଥା ଚିନ୍ତା କରି କି ଦେଶରେ ବ୍ୟାପକ ରକ୍ତପାତ, ବିଦ୍ରୋହ ଓ ବିଶୃଙ୍ଖଳା ପୂର୍ଣ୍ଣ ବାତାବାରଣ ପରିବର୍ତ୍ତେ ଜଣେ ବ୍ୟକ୍ତିର ହତ୍ୟା କରିବାକୁ ଶ୍ରେୟସ୍କର ମନେକଲେ । ସୁତରାଂ ମହାଭାଗ ଅବ୍ଦୁଲ୍ଲାଃ ବିନ୍ ଅତିକ୍ ଅନ୍‌ସାରୀଙ୍କ ନେତୃତ୍ୱରେ ଚାରିଜଣ ଖଜରଜ୍ ସାହାବୀଙ୍କୁ ଅବୁ ରାଫେ ଆଡ଼କୁ ପ୍ରେରଣ କଲେ । କିନ୍ତୁ ପ୍ରେରଣ କରିବା ସମୟରେ ସେମାନଙ୍କୁ ଏହି ତାଗିଦ୍ କଲେ, ଦେଖ ଏହି ଅବଧିରେ କୌଣସି ମହିଳା ଅବା ପିଲାଙ୍କୁ କଦାପି ହତ୍ୟା କରିବ ନାହିଁ । ଅତଏବ ରମଜାନ୍ ମାସ ୬ହିଜ୍‌ରୀରେ ଏହି ଦଳଟି ପ୍ରସ୍ଥାନ କରିଥିଲା ଏବଂ ଅତ୍ୟନ୍ତ ବିଚକ୍ଷଣ ଓ ବୁଦ୍ଧିମତାର ସହିତ ନିଜ ଦାୟିତ୍ୱ ସମ୍ପନ୍ନ କରି (ମଦିନା) ଫେରି ଆସିଥିଲେ । ଏପରି ଏହି ସମସ୍ୟାର କଳା ବାଦଲ ମଦିନାର ବାତାବରଣରୁ ଦୂରିଭୂତ ହୋଇଗଲା ।

ଅବୁ ରାଫେଙ୍କୁ ହତ୍ୟା କରିବା ପରେ ତାହାର ଦୁର୍ଗରେ ଥିବା ବାସ ଭବନର ସିଡ଼ିରୁ ଚଞ୍ଚଳତା ପୂର୍ବକ ଓହ୍ଲାଇ ଆସୁଥିବା ସମୟରେ ଅବ୍ଦୁଲ୍ଲାଃ ବିନ୍ ଅତିକ୍ ଅନ୍‌ସାରୀଙ୍କ ଗୋଇଠି ଭାଙ୍ଗିଗଲା (ଆଉ ଏକ ବର୍ଣ୍ଣନାନୁଯାୟୀ ଗୋଇଠି ଖସି ଯାଇଥିବାର ଉଲ୍ଲେଖ ରହିଛି) ତାଙ୍କର ନିଜସ୍ୱ ବର୍ଣ୍ଣନା ଦରଜ ରହିଛି ଯେ, ସେଥିଅନ୍ତେ ଆମେ ମଦିନା ଆସି ହୁଜୁର [ସ.ଅ]ଙ୍କୁ ଅବୁ ରାଫେଙ୍କ ନିହତ ହେବାର ସୂଚନା ଦେଲୁ । ହୁଜୁର[ସ.ଅ] ସମସ୍ତ ବୃତ୍ତାନ୍ତ ଶୁଣିବା

ପରେ କହିଲେ; ନିଜ ପାଦ ଆଗକୁ କର! ସେ ନିଜ (ଭଙ୍ଗା ଗୋଇଠି) ଆଗକୁ କରିଦେଲେ ତ ହୁଜୁର[ସ.ଅ] ଦୁଆ କରି ତାଙ୍କ ଗୋଡ଼ ଉପରେ ନିଜର ପବିତ୍ର ହସ୍ତ ବୁଲାଇ ଆଣିଲେ । **ତହୁଁପରେ ମୁଁ ଏପରି ଅବୁଭବ କଲି ଯେମିତି କି ମୋତେ କୌଣସି କଷ୍ଟ ହିଁ ପହଞ୍ଚି ନଥିଲା ।** ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ଉଲ୍ଲେଖ କରିଛନ୍ତି, ଅବୁ ରାଫେ'ର ହତ୍ୟା ପ୍ରସଙ୍ଗରେ ଆମକୁ ଏହି ସ୍ଥାନରେ କୌଣସି ଯୁକ୍ତିତର୍କରେ ପଡିବା ଉଚିତ୍ ନୁହେଁ । କାରଣ ଅବୁ ରାଫେ'ର ହତ୍ୟା ଘଟଣା ଇତିହାସର ଏକ ଖୋଲା ବହି ସଦୃଶ ।

ଏହି ଅବସ୍ଥାରେ ସାହାବାଗଣ ଯାହାକିଛି କରିଥିଲେ ତାହା ସମ୍ପୂର୍ଣ୍ଣ ସଠିକ୍ ଓ ନ୍ୟାୟସଙ୍ଗତ ଥିଲା । ରଣକ୍ଷେତ୍ରରେ ଯେତେବେଳେ ଗୋଟିଏ ଦଳ ଜୀବନ ଓ ମୃତ୍ୟୁ ସହିତ ସଂଘର୍ଷ କରିଥାଏ ସେତେବେଳେ ତାହାର କୂଟନୀତି ଓ (ଯୁଦ୍ଧ ଜୟ କରିବାର) ଯୋଜନା ବୈଧ ମନେ କରାଯାଇଥାଏ ଏବଂ ପ୍ରତ୍ୟେକ ଗୋଷ୍ଠୀ ଓ ସମ୍ପ୍ରଦାୟ ଏହି ଆବଶ୍ୟକତା ଅନୁଯାୟୀ ପ୍ରତ୍ୟେକ ଯୁଗରେ ପଦକ୍ଷେପ ଗ୍ରହଣ କରିଥାନ୍ତି । କିନ୍ତୁ ଦୁଃଖଦ ସମ୍ପ୍ରତି ଚାରିତ୍ରିକ ଅବନତି କାଳରେ ଦୋଷୀ ସହିତ ସହାନୁଭୂତି ପୂର୍ଣ୍ଣ ଭାବ ପ୍ରବଣତା ଏପରି ଅନୈତିକ ଓ ଅବୈଧ ସୀମା ପର୍ଯ୍ୟନ୍ତ ପହଞ୍ଚି ଯାଇଛି, ଯେ ଜଣେ ଅନ୍ୟାୟୀ ଓ ଅତ୍ୟାଚାରୀ ମଧ୍ୟ ନାୟକ ସାଜି ବସିଛି । ଆଉ ସେହି ଦଣ୍ଡ ଯାହାକି ନିଜ ଅପରାଧ ଓ କୁକର୍ମ ଯୋଗୁଁ ଜଣେ ଦଣ୍ଡିତ ହୋଇଥାଏ, ଜନସାଧାରଣଙ୍କ ସହାନୁଭୂତିର ପ୍ରତ୍ୟାଶୀ ହୋଇଥାଏ ଏବଂ ତାହାର ଅପରାଧ ଲୋକମାନେ ପାସୋରି ଦିଅନ୍ତି । କିନ୍ତୁ ଇସଲାମ ସଂକ୍ରାନ୍ତରେ ଆମେମାନେ ଏକମତ ଯେ, ଏହି ମିଥ୍ୟା ଭାବନାର ଏହା ଧର୍ମ ନୁହେଁ । ସେ (ଇସଲାମ୍) ଅପରାଧକୁ ଅପରାଧ ସ୍ଥିର କରିଥାଏ । ତାହାର ଦଣ୍ଡ ବିଧାନକୁ ଦେଶ ଓ ସମାଜ ପାଇଁ ଏକ ମଙ୍ଗଳମୟ ମଣିଥାଏ । କାରଣ ତାହା ଏକ ପଚି ଯାଇଥିବା ଅଙ୍ଗ ସଦୃଶ ଯାହାକି ଶରୀରରୁ ପୃଥକ କରି ଦେବାର ଶିକ୍ଷା ଦେଇଥାଏ ଏବଂ ଏହି କଥାର ଅପେକ୍ଷା କରି ନଥାଏ ଯେ, ଏକ ବେକାର ଅଙ୍ଗ ସୁସ୍ଥ ଓ ସବଳ ଅଙ୍ଗଗୁଡ଼ିକୁ ପ୍ରଭାବିତ କରୁ । ବାକି ରହିଗଲା ଦଣ୍ଡ ଦେବାର ପ୍ରଣାଳୀ! ତେବେ ଏଥିସଂକ୍ରାନ୍ତରେ ବତାଇ ଦିଆଯାଇଛି ଯେ, ଆରବ ଦେଶରେ ସେତେବେଳର ଅବସ୍ଥା ଅନ୍ତର୍ଗତ ଓ ସେହି ଯୁଦ୍ଧର ସଙ୍କଟାପର୍ଣ୍ଣ ଅବସ୍ଥା ଦୃଷ୍ଟି କୋଣରୁ ସେହି ସମୟରେ ଯାହାକି ମୁସଲମାନ ଓ ୟହୁଦିମାନଙ୍କ ମଧ୍ୟରେ ରହିଥିଲା, ଯେଉଁ ପଦକ୍ଷେପ ଗ୍ରହଣ କରାଗଲା ତାହା ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଉତ୍ତମ ଓ ପ୍ରଯୁଜ୍ୟ ଥିଲା । ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହି ଘଟଣାଚକ୍ରର ଆହୁରି ଅଧିକ ବର୍ଣ୍ଣନା ବାକି ରହିଛି, ଯାହାକି ଇନ୍‌ଶାଅଲ୍ଲାଃ ଆସନ୍ତାରେ ଚର୍ଚ୍ଚା କରିବି ।

---

ଅଲ୍‌ହମ୍ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

10th January 2025

*Translated to Odia by :* Moulavi Anwar Ahmad Khan